# जिला सूचना विज्ञान अधिकारियों के लिए न्यायपालिका में ई-गवर्नेंस पर राज्य स्तरीय कार्यशाला

न्यायपालिका में ई-गवर्नेंस पर एक **राज्य-स्तरीय कार्यशाला** का आयोजन **16 दिसंबर 2025** को **ओड़िशा न्यायिक अकादमी, कटक** में किया गया। इस अवसर पर **एनआईसी ओड़िशा** ने **ई-कोर्ट्स इकोसिस्टम को सुदृढ़ करने वाली एआई-सक्षम पहलों** का प्रदर्शन किया। **ओड़िशा न्यायिक अकादमी के निदेशक** ने राज्य के **सभी 30 जिलों में आईसीटी समर्थन प्रदान करने के लिए जिला सूचना विज्ञान अधिकारियों (डीआईओ)** के प्रयासों की सराहना की।

## समाचार क्लिप्स

# ଓଡ଼ିଶା ଜୁଡିସିଆଲ୍ ଏକାଡେମୀରେ 'ନ୍ୟାୟପାଳିକାରେ ଇ-ଗଭର୍ଣ୍ଣାନ୍ସ'



ଭୁବନେଶ୍ୱର,୨୨।୧୨

ଏକ୍ସପ୍ରେସ୍ ନ୍ୟୁଜ୍

ଓଡ଼ିଶା ଜୁଡିସିଆଲ୍ ଏକାଡେମୀରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନଆଇସି), ଓଡିଶାର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (ଡିଆଇଓ) ଏବଂ ବରିଷ୍ଠ ଅଧିକାରୀମାନଙ୍କ ପାଇଁ 'ନ୍ୟାୟପାଳିକାରେ ଇ-ଗଭର୍ଣ୍ଣାନ୍ସ' ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇ ଯାଇଅଛି।

କର୍ମଶାଳାକୁ ଉଦଘାଟନ କରି ଓଡ଼ିଶା ଜୁଡିସିଆଲ୍ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ୍ କୁମାର ମିଶ୍ର ଜିଲ୍ଲା ଜୁଡିସିଆଲ୍ ଇକୋ-ସିଷ୍ଟମର ବିଭିନ୍ନ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସେବାରେ ଡିଆଇଓମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଓଡିଶା ଉଚ୍ଚ ନ୍ୟାୟାଳୟ ଏବଂ ଜିଲ୍ଲା ନ୍ୟାୟାଳୟମାନଙ୍କରେ ଭିଡିଓ କନଫରେନ୍ସିଂ ସୁବିଧା ଉପଲବ୍ଧ କରିବା, ସମସ୍ତ କୋର୍ଟ ରେକର୍ଡକୁ ଡିଜିଟାଇଜେସନ୍ କରିବା ଏବଂ ସମସ୍ତ ଜିଲ୍ଲା ନ୍ୟାୟାଳୟମାନଙ୍କର ୱେବସାଇଟ୍ ପରିଚାଳିତ କରିବା ଆଦିରେ ଡିଆଇଓମାନଙ୍କର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର କେନ୍ଦ୍ରୀୟ ପ୍ରକଳ୍ପ ସଂଯୋଜକ ସୌମ୍ୟ ସୌରଭ ଇ-କୋର୍ଟସ୍ ପ୍ରୋଜେକ୍ଟ ପାଇଁ ଏନଆଇସିର ମୂଲ୍ୟବାନ ଅବଦାନକୁ ପ୍ରଶଂସା କରି ଜାତୀୟ ନ୍ୟାୟିକ ଡାଟା ଗ୍ରୀଡ୍ ପୋର୍ଟାଲ୍ ନ୍ୟାୟାଳୟ ଗୁଡିକରେ ମାମଲା ପରିଚାଳନା ଏବଂ ନ୍ୟାୟିକ କାର୍ଯ୍ୟଦକ୍ଷତାର ବାସ୍ତବ-ସମୟ ତଦାରଖ ପାଇଁ ପ୍ରାଥମିକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ ବୋଲି ସୂଚନା ଦେଇଥିଲେ।

ବରିଷ୍ଠ ନିର୍ଦ୍ଦେଶକ ଏବଂ ଅତିରିକ୍ତ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ସୁରେନ୍ଦ୍ରନାଥ ବେହେରା ପ୍ରାରମ୍ଭିକ ଭାଷଣ ଦେଇ ନ୍ୟାୟିକ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସମୟୋପଯୋଗୀ ଏବଂ ସୁଗମ କରିବା ପାଇଁ ଇ-କୋର୍ଟସ୍ ପ୍ରୋଜେକ୍ଟର ପର୍ଯ୍ୟାୟ-୩ ଅନ୍ତର୍ଗତ ସଫଳତା ଉପରେ ଆଲୋକପାତ କରିଥିଲେ। ନିଜର ସ୍ୱାଗତ ଭାଷଣରେ, ଏନଆଇସିର ଉପ-ମହାନିର୍ଦ୍ଦେଶକ ଏବଂ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ: ଅଶୋକ କୁମାର ହୋତା କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ଅନୁବାଦ, ପୂର୍ବାନୁମାନ, ପ୍ରଶାସନିକ ଦକ୍ଷତା ଉନ୍ନତ କରିବା, ସ୍ୱୟଂଚାଳିତ ଫାଇଲିଂ, ମାମଲା ସୂଚନା ପ୍ରଣାଳୀକୁ ବୃଦ୍ଧି କରିବା ଏବଂ ଚାଟବଟ୍ ମାଧ୍ୟମରେ ମାମଲା ପ୍ରତ୍ୟାବର୍ତ୍ତକଙ୍କ ସହ ଯୋଗାଯୋଗ କରିବା ଭଳି କ୍ଷେତ୍ରରେ ସମନ୍ୱିତ କରାଯାଉଛି ବୋଲି ସୂଚନା ଦେଇଥିଲେ।

ଡିଆଇଓମାନଙ୍କୁ କୋର୍ଟ ସୂଚନା ପ୍ରଣାଳୀ, ଇ-ଫାଇଲିଂ, ଇ-ପେମେଣ୍ଟ, ଜାତୀୟ ସେବା ଏବଂ ଇଲେକ୍ଟ୍ରୋନିକ୍ ପ୍ରକ୍ରିୟାଗୁଡ଼ିକର ଟ୍ରାକିଂ, ଇ-କୋର୍ଟସ୍ ମୋବାଇଲ୍ ଆପ୍ ଏବଂ ଜଷ୍ଟ-ଆଇଏସ୍ ମୋବାଇଲ୍ ଆପ୍ ଇତ୍ୟାଦି ପ୍ରମୁଖ ଇ-ଗଭର୍ଣ୍ଣାନ୍ସ ପଦକ୍ଷେପ ବିଷୟରେ ସଚେତନ କରାଯାଇଥିଲା। ଏନଆଇସିର ନିର୍ଦ୍ଦେଶକ (ଆଇଟି) ଏବଂ ଇ-କୋର୍ଟସ୍ ପ୍ରକଳ୍ପ ସଂଯୋଜିକା ସୁଶ୍ରୀ ଇତିଶ୍ରୀ ନନ୍ଦ ଏବଂ ଓଡ଼ିଶା ହାଇକୋର୍ଟର ସିଷ୍ଟମ୍ ଅଧିକାରୀ ଅଶୋକ ମଲ୍ଲିକ ଏବଂ ଶୁଭରଞ୍ଜନ ମନ୍ତ୍ରୀଙ୍କ ସହିତ କେନ୍ଦ୍ରୀୟ ପ୍ରକଳ୍ପ ସଂଯୋଜକ ବିଭିନ୍ନ ଅଧିବେଶନ ପରିଚାଳନା କରିଥିଲେ। ଏନଆଇସିର ଯୁଗ୍ମ ନିର୍ଦ୍ଦେଶକ (ଆଇଟି) କ୍ଷୀରୋଦ କୁମାର ସାହୁ କାର୍ଯ୍ୟକ୍ରମର ସଫଳ ସଂଯୋଜନା କରିଥିଲେ।

एक्सप्रेस न्यूज़ - 22 दिसंबर, 2025

# ଓଜେଏରେ 'ନ୍ୟାୟପାଳିକାରେ ଇ-ଗଭର୍ଣ୍ଣାନ୍ସ' କର୍ମଶାଳା

## ଜୁଡିସିଆଲ୍ ଇକୋ-ସିଷ୍ଟମରେ ଡିଆଇଓ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



।। ପ୍ରଭାନ୍ୟୁଜ ।। ଭୁବନେଶ୍ୱର, ୨୨।୧୨: ଓଡ଼ିଶା ଜୁଡିସିଆଲ୍ ଏକାଡେମୀରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନଆଇସି), ଓଡିଶାର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (ଡିଆଇଓ) ଏବଂ ବରିଷ୍ଠ ଅଧିକାରୀ ମାନଙ୍କ ପାଇଁ "ନ୍ୟାୟପାଳିକାରେ ଇ-ଗଭର୍ଣ୍ଣାନ୍ସ" ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାକୁ ଓଡ଼ିଶା ଜୁଡିସିଆଲ୍ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁ କୁମାର ମିଶ୍ର ଉଦଘାଟନ କରି ଜିଲ୍ଲା ଜୁଡିସିଆଲ୍ ଇ କୋ-ସିଷ୍ଟମର ବିଭିନ୍ନ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା ସେବାରେ ଡିଆଇଓ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଓଡିଶା ଉଚ୍ଚ ନ୍ୟାୟାଳୟ ଏବଂ ଜିଲ୍ଲା ନ୍ୟାୟାଳୟ ମାନଙ୍କରେ ଭିଡିଓ କନଫରେନ୍ସିଂ ସୁବିଧା ଉପଲବ୍ଧ କରିବା, ସମସ୍ତ କୋର୍ଟ ରେକର୍ଡକୁ ଡିଜିଟାଲାଇଜେସନ କରିବା ଏବଂ ସମସ୍ତ ଜିଲ୍ଲା ନ୍ୟାୟାଳୟ ମାନଙ୍କର ୱେବସାଇଟ ପରିଚାଳିତ କରିବା ଆଦିରେ ଡିଆଇଓ ମାନଙ୍କର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ମିଶ୍ର ସୂଚନା ଦେଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର କେନ୍ଦ୍ରୀୟ ପ୍ରକଳ୍ପ ସଂଯୋଜକ ସୌମ୍ୟ ସୌରଭ ଇ-କୋର୍ଟ ସ୍ପ୍ରୋଜେକ୍ଟପାଇଁ ଏନଆଇସିର ମୂଲ୍ୟବାନ ଅବଦାନକୁ ପ୍ରଶଂସାକରି ଜାତୀୟ ନ୍ୟାୟିକ ଡାଟା ଗ୍ରୀଡ୍ ପୋର୍ଟାଲ ନ୍ୟାୟାଳୟ ଗୁଡିକରେ ମାମଲା ପରିଚାଳନା ଏବଂ ନ୍ୟାୟିକ କାର୍ଯ୍ୟଦକ୍ଷତାର ବାସ୍ତବ-ସମୟ ତଦାରଖ ପାଇଁ ପ୍ରାଥମିକ ପ୍ଲାଟ ଫର୍ମ ଭାବରେ କାର୍ଯ୍ୟକରେ ବୋଲି ସୂଚନା ଦେଇଥିଲେ। ବରିଷ୍ଠ ନିର୍ଦ୍ଦେଶକ ଏବଂ ଅତିରିକ୍ତ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ସୁରେନ୍ଦ୍ର ନାଥ ବେହେରା ପ୍ରାରମ୍ଭିକ ଭାଷଣ ଦେଇ ନ୍ୟାୟିକ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସମୟୋପଯୋଗୀ ଏବଂ ସୁଗମ କରିବା ପାଇଁ ଇ-କୋର୍ଟସ୍ ପ୍ରୋଜେକ୍ଟର ପର୍ଯ୍ୟାୟ-୩ ଅନ୍ତର୍ଗତ ସଫଳତା ଉପରେ ଆଲୋକପାତ କରିଥିଲେ। ନିଜର ସ୍ୱାଗତ ଭାଷଣରେ, ଏନଆଇସିର ଉପ-ମହାନିର୍ଦ୍ଦେଶକ ଏବଂ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ:ଅଶୋକ କୁମାର ହୋତା କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ଅନୁବାଦ, ପୂର୍ବାନୁମାନ, ପ୍ରଶାସନିକ ଦକ୍ଷତା ଉନ୍ନତ କରିବା, ସ୍ୱୟଂ ଚାଳିତ ଫାଇଲିଂ, ମାମଲା ସୂଚନା ପ୍ରଣାଳୀକୁ ବୃଦ୍ଧିକରିବା ଏବଂ ଚାଟବଟ ମାଧ୍ୟମରେ ମାମଲା ପ୍ରତ୍ୟାବର୍ତ୍ତକଙ୍କ ସହ ଯୋଗାଯୋଗ କରିବା ଭଳି କ୍ଷେତ୍ରରେ ସମନ୍ୱିତ କରାଯାଉଛି ବୋଲି ସୂଚନା ଦେଇଥିଲେ।

प्रवा न्यूज़: 22 दिसंबर, 2025

ଓଡ଼ିଶା ସମାଚାର
www.eodishasamachar.com






ବିଶେଷ

# ଓଡ଼ିଶା ଜୁଡିସିଆଲ୍ ଏକାଡେମୀ ରେ "ନ୍ୟାୟପାଳିକା ରେ ଇ-ଗଭର୍ଣ୍ଣାନ୍ସ" ଉପରେ ରାଜ୍ୟ ସ୍ତରୀୟ କର୍ମଶାଳା

adminodia · December 22, 2025




ଭୁବନେଶ୍ୱର,୨୨/୧୨/୨୦୨୫ (ଓଡ଼ିଶା ସମାଚାର)- ଓଡ଼ିଶା ଜୁଡିସିଆଲ୍ ଏକାଡେମୀ ରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ.ଆଇ.ସି),ଓଡ଼ିଶା ର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (ଡିଆଇଓ) ଏବଂ ବରିଷ୍ଠ ଅଧିକାରୀ ମାନଙ୍କପାଇଁ "ନ୍ୟାୟପାଳିକା ରେ ଇ-ଗଭର୍ଣ୍ଣାନ୍ସ" ଉପରେ ଏକ ରାଜ୍ୟ ସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଅଛି।
କର୍ମଶାଳାକୁ ଉଦଘାଟନ କରି ଓଡ଼ିଶା ଜୁଡିସିଆଲ୍ ଏକାଡେମୀ ର ନିର୍ଦ୍ଦେଶକ ଶ୍ରୀ ବିଦ୍ୟୁତ୍‌କୁମାର ମିଶ୍ର ଜିଲ୍ଲା ଜୁଡିସିଆଲ୍ ଇକୋ-ସିଷ୍ଟମ ର ବିଭିନ୍ନ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା ସେବାରେ ଡିଆଇଓ ମାନଙ୍କ ର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ଜିଲ୍ଲା ନ୍ୟାୟାଳୟ ମାନଙ୍କରେ ଭିଡିଓ କନଫରେନ୍ସ ସୁବିଧା ଉପଲବ୍ଧ କରିବା, ସମସ୍ତ କୋର୍ଟ ରେକର୍ଡକୁ ଡିଜିଟାଇଜେସନ କରିବା ଏବଂ ସମସ୍ତ ଜିଲ୍ଲା ନ୍ୟାୟାଳୟ ମାନଙ୍କର ୱେବସାଇଟ ପରିଚାଳିତ କରିବା ଆଦିରେ ଡିଆଇଓ ମାନଙ୍କର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ଶ୍ରୀ ମିଶ୍ର ସୂଚାଇଦେଇଥିଲେ।



ଓଡ଼ିଶା ଉଚ୍ଚ ନ୍ୟାୟାଳୟର କେନ୍ଦ୍ରୀୟ ପ୍ରକଳ୍ପ ସଂଯୋଜକ ଶ୍ରୀ ସୌମ୍ୟ ସୌରଭ ଇ-କୋର୍ଟସ ପ୍ରୋଜେକ୍ଟ ପାଇଁ ଏନ.ଆଇ.ସିର ମୂଲ୍ୟବାନ ଅବଦାନକୁ ପ୍ରଶଂସା କରି ଜାତୀୟ ନ୍ୟାୟିକ ଡାଟାଗ୍ରୀଡ୍‌ପୋର୍ଟାଲ୍ୟାଳୟ ଗୁଡ଼ିକରେ ମାମଲା ପରିଚାଳନା ଏବଂ ନ୍ୟାୟିକ କାର୍ଯ୍ୟଦକ୍ଷତା ର ବାସ୍ତବ-ସମୟ ତଦାରଖ ପାଇଁ ପ୍ରାଥମିକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ ବୋଲି ସୂଚନା ଦେଇଥିଲେ।

ବରିଷ୍ଠ ନିର୍ଦ୍ଦେଶକ ଏବଂ ଅତିରିକ୍ତ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଶ୍ରୀ ସୁରେନ୍ଦ୍ରନାଥ ବେହେରା ପ୍ରାରମ୍ଭିକ ଭାଷଣ ଦେଇ ନ୍ୟାୟିକ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସମୟୋପଯୋଗୀ ଏବଂ ସୁଗମ କରିବା ପାଇଁ ଇ-କୋର୍ଟସ ପ୍ରୋଜେକ୍ଟର ପର୍ଯ୍ୟାୟ-୩ ଅନ୍ତର୍ଗତ ସଫଳତା ଉପରେ ଆଲୋକପାତ କରିଥିଲେ। ନିଜର ସ୍ୱାଗତ ଭାଷଣରେ, ଏନଆଇସି ର ଉପ-ମହାନିର୍ଦ୍ଦେଶକ ଏବଂ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ: ଅଶୋକ କୁମାର ହୋତା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କୁ ଅନୁବାଦ, ପୂର୍ବାନୁମାନ, ପ୍ରଶାସନିକ ଦକ୍ଷତା ଉନ୍ନତ କରିବା, ସ୍ୱୟଂଚାଳିତ ଫାଇଲିଂ, ମାମଲା ସୂଚନା ପ୍ରଣାଳୀକୁ ନୂଆ କରିବା ଏବଂ ଚାଟ ବଟ୍ ମାଧ୍ୟମରେ ମାମଲା ପ୍ରତ୍ୟାବର୍ତ୍ତକ ଙ୍କ ସହ ଯୋଗାଯୋଗ କରିବା ଭଳି କ୍ଷେତ୍ରରେ ସମନ୍ୱିତ କରାଯାଇଛି ବୋଲି ସୂଚନା ଦେଇଥିଲେ।

ଡିଆଇଓ ମାନଙ୍କୁ କୋର୍ଟ ସୂଚନାପ୍ରଣାଳୀ, ଇ-ଫାଇଲିଂ, ଇ-ପେମେଣ୍ଟ, ଜାତୀୟ ସେବା ଏବଂ ଇଲେକ୍ଟ୍ରୋନିକ ପ୍ରକ୍ରିୟାଗୁଡ଼ିକର ଟ୍ରାକିଂ, ଇ-କୋର୍ଟସ୍ ମୋବାଇଲ୍‌ଆପ୍ ଏବଂ ଜଷ୍ଟ-ଆଇଏସ ମୋବାଇଲ୍ ଆପ୍ ଇତ୍ୟାଦି ପ୍ରମୁଖ ଇ-ଗଭର୍ଣ୍ଣାନ୍ସ ପଦକ୍ଷେପ ବିଷୟରେ ସଚେତନ କରାଯାଇଥିଲା। ଏନଆଇସି ର ନିର୍ଦ୍ଦେଶକ (ଆଇଟି) ଏବଂ ଇ-କୋର୍ଟସ ପ୍ରକଳ୍ପ ସଂଯୋଜିକା ସୁଶ୍ରୀ ଇତିଶ୍ରୀ ଜେନ, ଏବଂ ଓଡ଼ିଶା ହାଇକୋର୍ଟ ର ସିଷ୍ଟମ୍ ଅଧିକାରୀ ଶ୍ରୀ ଅଶୋକ ମଲ୍ଲିକ ଏବଂ ଶ୍ରୀ ଶୁଭ ରଞ୍ଜନ ମଲ୍ଲୀ ଙ୍କ ସହିତ କେନ୍ଦ୍ରୀୟ ପ୍ରକଳ୍ପ ସଂଯୋଜକ ବିଭିନ୍ନ ଅଧିବେଶନ ପରିଚାଳନା କରିଥିଲେ। ଏନଆଇସି ର ଯୁଗ୍ମ ନିର୍ଦ୍ଦେଶକ (ଆଇଟି) ଶ୍ରୀ କ୍ଷୀରୋଦ କୁମାର ସାହୁ କାର୍ଯ୍ୟକ୍ରମ ର ସଫଳ ସଂଯୋଜନା କରିଥିଲେ।




Search

Search

Categories

LIVE
Uncategorized
କୃଷି
କ୍ରୀଡ଼ା
ତାଜା ଖବର
ପର୍ଯ୍ୟଟନ ଓ ସଂସ୍କୃତି
ବାଣିଜ୍ୟ ବ୍ୟବସାୟ
ବିଶେଷ
ରାଜନୀତି
ଶିକ୍ଷା
ସ୍ୱାସ୍ଥ୍ୟ

Recent Posts

ବାଲୁଡିଥି ଦାସ ଶ୍ରୀମତୀ ଦେବୀ ଚାରିଚେତୁଲ ସ୍କୁଲର ବାର୍ଷିକ ଉତ୍ସବ
ବରିଷ୍ଠ ନାଗରିକ ସଂଘର ପ୍ରସ୍ତୁତି ବୈଠକ
ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ମାସିକ ଭତ୍ତା ବୃଦ୍ଧି – କେନ୍ଦୁଝରରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
ମହାଲକ୍ଷ୍ମୀ ସେବା ସଂଗଠନ ତରଫରୁ ଶ୍ମଶାନ ସଫେଇ
ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘ, ଓଡ଼ିଶା ପ୍ରାନ୍ତର ବାର୍ଷିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ

Member of WJAI

Our Visitor

Total views : 225867
Powered By WPS Visitor Counter